ପ୍ରମେୟ
THE PRAMEYA

16th Dec, 2019

# ଅନ୍ତଃ ଆଇଆଇଟି କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ



ଯାଁଳା, ୧୫।୧୨(ଆପ୍ର): ଅରୁଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟି ପରିସରରେ ୫୪ତମ ଅନ୍ତଃ ଆଇଆଇଟି କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହା ଆଇଆଇଟି ଭୁବନେଶ୍ୱର ପାଇଁ ଏକ ଐତିହାସିକ ମୁହୂର୍ତ୍ତ। ଏଥିରେ ମୋଟ୍ ୨୩ଟି ଆଇଆଇଟିକୁ ଏକତ୍ରିତ କରି ୪ଟି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୮ଶହରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଆଇଆଇଟି ଭୁବନେଶ୍ୱର ୪ଟି ଖେଳ ଆୟୋଜନ କରୁଛି। ଅବଶିଷ୍ଟ ୮ଟି ଖେଳ ଆଇଆଇଟି ଖଡ଼ଗପୁର ଆୟୋଜନ କରୁଛି। ଏହି ଉତ୍ସବ ୨୨ ତାରିଖରେ ଶେଷ ହେବ। ଆଜିର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଦୌଡ଼ରାଣୀ ଦ୍ୟୁତି ଚାନ୍ଦ ଯୋଗଦେଇଥିଲେ। ଆଇଆଇଟି ଭୁବନେଶ୍ୱର ଡାଇରେକ୍ଟର ଆର ଭି ରାଜକୁମାର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ପ୍ରତିଯୋଗିତା ମୂଳକ ମନୋଭାବ ନେଇ ଖେଳିବାକୁ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ।

# ଘରୋଇ କଳିର କରୁଣ ପରିଣତି | ନିଜକୁ ଜାଳିଦେଲେ ବୃଦ୍ଧା

ଯାଁଳା,୧୫।୧୨(ଆପ୍ର): ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବୃଦ୍ଧା ନିଜକୁ ନିଜେ ଜାଳି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଯାଁଳା ଫାଣ୍ଡି ଅନ୍ତର୍ଗତ ଗଙ୍ଗପଡ଼ା ମଝିସାହିର ନୟନ ପରିଡ଼ା(୭୦)। ପୁଲିସ ସୂଚନା ଅନୁସାରେ ନୟନଙ୍କର ୩ ପୁଅ। ସେମାନଙ୍କ ମଧ୍ୟରୁ ୨ ପୁଅ ଅନ୍ୟତ୍ର ରହୁଛନ୍ତି। ମାତ୍ର ଜଣେ ପୁଅ ଦିଲ୍ଲୀପ ପରିଡ଼ା ମା'ଙ୍କ ସହ ରହୁଥିଲେ। ନୟନଙ୍କର ମଧ୍ୟାହ୍ନରେ ଶାଶୂ ବୋହୂଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। କିଛି ସମୟ ପରେ ପୁଅ ବୋହୂ ଦୋକାନକୁ ଚାଲି ଯାଇଥିଲେ। ଏହି ସମୟରେ ନୟନ ପାଇଖାନା ଘରେ ପଶି କିରାସିନି ଢାଳକି ହୋଇ ନିଆଁ ଲଗାଇ ଦେଇଥିଲେ। ତାଙ୍କ ଚିତ୍କାର ଶୁଣି ପାଖ ପଡ଼ିଶା ଆସି ବ୍ୟସ୍ତ ହୋଇଥିଲେ। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ଯାଁଳା ଫାଣ୍ଡି ପୁଲିସ ପହଞ୍ଚି ଶବ ଜବତ